## ସଂକ୍ଷେପରେ

### ନବାଗତଙ୍କୁ ସ୍ୱାଗତ

**ଢେଙ୍କାନାଳ ଅଫିସ୍, ୨୨।୧୨**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ପିଙ୍ଗୁଆ ଡିଗ୍ରୀ କଲେଜରେ ଗୁରୁବାର ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଭଗବାନ ମିଶ୍ରଙ୍କ ଅଧକ୍ଷତାରେ ସମ୍ମାନିତ ଅତିଥି ଭାବେ ଅଧାପକ ରାମନାରାୟଣ ରାଉତ, ଅଧାପିକା ସୁବ୍ରତା ବିଶ୍ୱାଳ, ପୂର୍ବତନ ଛାତ୍ର ସଙ୍ଗଠକ ପ୍ରଦୀପ ଦାସ, ବାଦଲ ମହାନ୍ତି ପ୍ରମୁଖ ଯୋଗଦେଇ ନବାଗତ ଛାତ୍ରୀଛାତ୍ରଙ୍କ ମାର୍ଗଦର୍ଶନ କରାଇଥିଲେ। ବରିଷ୍ଠ ଅଧାପକ ପଙ୍କଜ କୁମାର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶୃଙ୍ଖଳାଜ୍ଞାନ ପ୍ରଦାନ କରିଥିଲେ। ଅଧାପକ ଦୀପ୍ତିରଞ୍ଜନ ମହାଲିକ ଉପସ୍ଥିତ ଥିଲେ। ଛାତ୍ର ଦୁଷ୍ମନ୍ତ କୁମାର ସାହୁଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଛାତ୍ରୀ ଅର୍ଚ୍ଚନା ବାରିକ ଧନ୍ୟବାଦ ଦେଇଥିଲେ।

### ଆମ୍ବପଡ଼ା କ୍ରିକେଟ୍: ବାଲେଶ୍ୱର ବିଜୟୀ

**ଢେଙ୍କାନାଳ ଅଫିସ, ୨୨।୧୨**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ କରମୂଳ ଆମ୍ବପଡ଼ା ରାଜ୍ୟସ୍ତରୀୟ କ୍ରିକେଟ୍ ପ୍ରତିଯୋଗିତାର ଗୁରୁବାର ଅନୁଷ୍ଠିତ ମ୍ୟାଚ୍‌ରେ ନାଲ୍‌କୋକୁ ହରାଇ ବାଲେଶ୍ୱର ୟୁ ଆଣ୍ଡ ମି ବିଜୟୀ ହୋଇଛି। ନାଲ୍‌କୋ ୧୪୭ ରନ୍ କରିଥିବାବେଳେ ବାଲେଶ୍ୱର ମାତ୍ର ୩ ଉଇକେଟ ହରାଇ ୧୫୦ ରନ୍ କରି ବିଜୟୀ ହୋଇଥିଲା। ପ୍ରିୟବ୍ରତ ମିଶ୍ର, ସବ୍ୟସାଚୀ ଶାହା ଖେଳ ପରିଚାଳନା କରିଥିଲେ। ଜୟନ୍ତ ଦାସ, ସୁବ୍ରତ ନାୟକ, ଗଗନ ବିହାରୀ ନାୟକ, ପଞ୍ଚାନନ ମହାନ୍ତି, ନରେଶ ମହାନ୍ତି, ଅଭୟ ସ୍ୱାଇଁ, ସୂର୍ଯ୍ୟକାନ୍ତ ଲେଙ୍କା ସହଯୋଗ କରିଥିଲେ। ଶୁକ୍ରବାର ରାଉରକେଲା ଓ ପ୍ରଗତି ସ୍ପୋର୍ଟିଂ ଭୁବନେଶ୍ୱର ମଧ୍ୟରେ ମ୍ୟାଚ୍ ଖେଳାଯିବ।

### ଖେଳକୁଦରେ ପ୍ରତିଭା ଦେଖାଇଲେ ପିଲା

**କାମାକ୍ଷାନଗର, ୨୨।୧୨(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ବାଲିଗୋରଡ଼ସ୍ଥିତ ମୁକ୍ତା ମଲ୍ଲିକ ହାଇସ୍କୁଲରେ ଚାଲିଥିବା ଦୁଇଦିନିଆ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଶାରୀରିକ ଶିକ୍ଷା ଶିକ୍ଷକ ବିପିନ ବିହାରୀ ସାହୁଙ୍କ ତତ୍ତ୍ୱାବଧାନରେ ୧୮୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବରିଷ୍ଠ ବାଳକ ବିଭାଗରେ ଆକାଶ ନାୟକ, ବାଳିକା ବିଭାଗରେ ଗୁନ୍‌ଗୁନ୍ ସାମଲ, କନିଷ୍ଠ ବାଳକ ବିଭାଗରେ ଶୁଭମ୍ ବାରିକ ଏବଂ ବାଳିକା ବିଭାଗରେ ଦେବସ୍ମିତା ବେହେରା ଚାମ୍ପିୟନ ହୋଇଛନ୍ତି। ଦିଲୀପ ନନ୍ଦ, ଲକ୍ଷ୍ମୀପ୍ରିୟା ସାହୁ, ଅଶାନ୍ତି ନାୟକ, କସ୍ତୁରୀବାଳା ବେହେରା, ଜ୍ୟୋତିର୍ମୟୀ ନାୟକଙ୍କ ସମେତ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

### 'ସ୍ୱଚ୍ଛ ଜୀବନ, ସୁସ୍ଥ ଜୀବନ'

**ପରଜଙ୍ଗ, ୨୨।୧୨(ଡି.ଏନ୍.ଏ.)**

ପରଜଙ୍ଗ ବ୍ଲକ ଦଦରାଘାଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ରାମେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି । ଡା. ନାରାୟଣ ସିଂ, ଡା. ଜ୍ୟୋତିଷ ପାଣିଗ୍ରାହୀ ଯୋଗଦେଇ ବ୍ୟକ୍ତିଗତ ସ୍ୱଚ୍ଛତା ଉପରେ ପରାମର୍ଶ ଦେଇଥିଲେ। ପ୍ରବନ୍ଧ, ସଙ୍ଗୀତ, ସ୍ୱଚ୍ଛତା ସମ୍ପର୍କିତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ 'ସ୍ୱଚ୍ଛ ଜୀବନ, ସୁସ୍ଥ ଜୀବନ' ସମ୍ପର୍କିତ ସଚେତନତା ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା।

# ପହଞ୍ଚିଲାନି ତଦନ୍ତ ରିପୋର୍ଟ

## ପ୍ରିଣ୍ଟିଂ କାର୍ଯ୍ୟରେ ଠିକା ସଂସ୍ଥାକୁ ଅନୁକମ୍ପା ଅଭିଯୋଗ ଘଟଣା

**ଅନୁଗୋଳ ଅଫିସ, ୨୨।୧୨**



ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟର କେତେଜଣ ଅଧିକାରୀ ଟିକେଟ୍, ଫର୍ମ, ବ୍ୟାନର ଆଦି ପ୍ରିଣ୍ଟିଂ କାର୍ଯ୍ୟ ପ୍ରଦାନରେ ଏକ ଠିକା ସଂସ୍ଥାକୁ ଅହେତୁକ ଅନୁକମ୍ପା ଦେଖାଉଥିବା ଅଭିଯୋଗ ହୋଇଥିଲା। ଏ ନେଇ ଗତ ୧୩ ତାରିଖରେ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇବା ପରେ ତୁରନ୍ତ ତଦନ୍ତ କରି ରିପୋର୍ଟ ଦେବାକୁ ଜିଲାପାଳଙ୍କ ପକ୍ଷରୁ ଜିଲା ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ୯ ଦିନ ବିତିଯାଇଥିଲେ ମଧ୍ୟ ଏଯାଏ ତଦନ୍ତ ରିପୋର୍ଟ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନ ଥିବା ସୂଚନା ମିଳିଛି।

ପ୍ରକାଶ ଯେ, ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବହାର ହେଉଥିବା ଟିକେଟ୍, ଫର୍ମ, ବ୍ୟାନର, ହୋର୍ଡିଂ, ଫ୍ଲେକ୍ସ ଆଦି ପ୍ରିଣ୍ଟିଂ କାର୍ଯ୍ୟ ନିମନ୍ତେ ୨୦୨୦ ସେପ୍ଟେମ୍ବରରେ ଶେଷ ଥର ପାଇଁ ଟେଣ୍ଡର ହୋଇଥିଲା। ଏହାର ବୈଧତା ୨୦୨୧ ଯାଏ ଥିଲା। କିନ୍ତୁ କରୋନା ସମୟ ଥିବାରୁ ଜିଲା ପ୍ରଶାସନଠାରୁ ଅନୁମତି ନିଆଯାଇ ଉକ୍ତ ଅବଧିକୁ ୪ରୁ ୬ ମାସ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ହେଲେ ଉକ୍ତ ସମୟ ଶେଷ ହୋଇଯାଇଥିଲେ ମଧ୍ୟ ନୂତନ ଟେଣ୍ଡର କରାଯାଇ ନାହିଁ। ତଥାପି ଏକ ନିର୍ଦ୍ଦିଷ୍ଟ ଠିକା ସଂସ୍ଥାକୁ ପ୍ରିଣ୍ଟିଂ କାର୍ଯ୍ୟ ଦିଆଯାଉଥିବା ସମ୍ପର୍କରେ ଅଭିଯୋଗ ହୋଇଥିଲା। ଏ ନେଇ ଖବର ପ୍ରକାଶ ପରେ ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିସହ ନୂତନ ଟେଣ୍ଡର ପ୍ରକ୍ରିୟା ମଧ୍ୟ ଆରମ୍ଭ କରାଯାଇଥିଲା। କିନ୍ତୁ ଉକ୍ତ ଟେଣ୍ଡର ଯେପରି ଉକ୍ତ ଠିକାସଂସ୍ଥାକୁ ସୁହାଇବ, ସେହିଭଳି କାର୍ଯ୍ୟ ପୁଣି ଆରମ୍ଭ କରାଯାଇଥିବା ନେଇ ଆଲୋଚନା ଜୋର୍ ଧରିଥିଲା। ଏପରିକି ଉକ୍ତ ଠିକା ସଂସ୍ଥା କର୍ତ୍ତୃପକ୍ଷକୁ ଫୋନ୍ ମାଧ୍ୟମରେ କେତେଜଣ ଅଧିକାରୀ ଡକାଇ ଟେଣ୍ଡର ପ୍ରଦାନ ନେଇ ପ୍ରତିଶ୍ରୁତି ଦେଇଥିବା ଚର୍ଚ୍ଚା ହୋଇଥିଲା। ତେବେ ଘଟଣା ସମ୍ପର୍କରେ ଠିକା ସଂସ୍ଥା କର୍ତ୍ତୃପକ୍ଷ କହିଛନ୍ତି, ବ୍ୟାନର କାର୍ଯ୍ୟ ଅନ୍ୟ ଜଣେ ଠିକାଦାର ପାଇଥିଲେ। କିନ୍ତୁ ସେ କାର୍ଯ୍ୟ ନ କରିବାରୁ ମେଡିକାଲ କର୍ତ୍ତୃପକ୍ଷ ତାହାକୁ ତାଙ୍କ ସଂସ୍ଥାକୁ ପ୍ରଦାନ କରିଥିଲେ। ଏ ନେଇ ସିଡିଏମ୍‌ଓ ଡାକ୍ତର ତ୍ରିଲୋଚନ ପ୍ରଧାନ କହିଛନ୍ତି, ଏଡିଏମ୍‌ଓ (ମେଡିକାଲ)ଙ୍କୁ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ କୁହାଯାଉଛି।

## ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ସମୀକ୍ଷା

**ଅନୁଗୋଳ ଅଫିସ, ୨୨।୧୨**

ଅନୁଗୋଳ ଜିଲା ପାଇଁ ନିଯୁକ୍ତ ସ୍ୱତନ୍ତ୍ର ଭୋଟର ତାଲିକା ପର୍ଯ୍ୟବେକ୍ଷକ ତଥା ରାଜସ୍ୱ ପରିଷଦ ଓଡ଼ିଶାର ଅତିରିକ୍ତ ସଚିବ ସରୋଜ କୁମାର ସାହୁ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ସମୀକ୍ଷା କରିଥିଲେ। ଆଗାମୀ ନିର୍ବାଚନ ପାଇଁ ଭୋଟର ତାଲିକାରେ ନୂତନ ଭାବେ ଯୁବ ଭୋଟରମାନଙ୍କୁ ସଂଯୋଗ କରିବା ନେଇ ରାଜ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ରହିଛି। ଅଦ୍ୟାବଧି ଜିଲାରେ ୨୧ ହଜାର ୭୨୩ ଜଣ ଯୁବ ଭୋଟରଙ୍କ ନାମ ପଞ୍ଜୀକରଣ କରାଯାଇଛି। ଜିଲାର ସମସ୍ତ ନିର୍ବାଚନ ମଣ୍ଡଳୀରେ ଭୋଟର ସଚେତନତା କାର୍ଯ୍ୟକ୍ରମ ସଫଳ ରୂପାୟନ ହୋଇଥିବାରୁ ଅଧିକ ଯୁବ ଭୋଟର ତାଲିକାଭୁକ୍ତ ହୋଇପାରିଛନ୍ତି। ସେହିପରି ଆଧାର ସହ ଭୋଟର ସଂଯୋଗୀକରଣ କାର୍ଯ୍ୟକ୍ରମରେ ମଧ୍ୟ ଜିଲା ସଫଳତା ହାସଲ କରିଛି। ସମସ୍ତ କାର୍ଯ୍ୟ ସମୀକ୍ଷା ପରେ ସେ ସନ୍ତୋଷ ପ୍ରକାଶ କରିଥିଲେ। ଉକ୍ତ ବୈଠକରେ ଅତିରିକ୍ତ ଜିଲାପାଳ (ସାଧାରଣ) ରଜନୀକାନ୍ତ ସ୍ୱାଇଁ, ଉପଜିଲାପାଳ ବୈତ୍ତୁରା ଦୀପ, ତରଣୀ ସୁନା, ଡେପୁଟି କଲେକ୍ଟର ମନୀଷା ଗୁପ୍ତାଙ୍କ ସମେତ ବହୁ ପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ।



ଦୁର୍ଘଟଣାରେ ଗୁରୁତରଙ୍କ ଚିକିତ୍ସା ଚାଲିଛି।

## ଷଣ୍ଢ ସହ ଅଟୋରିକ୍ସା ଧକ୍କା: ୬ ଗୁରୁତର

**ଭୁବନ, ୨୨।୧୨(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନ ଥାନା ବାଉଁଶକଣ ଗ୍ରାମ ନିକଟ ୫୩ନଂ. ଜାତୀୟ ରାଜପଥରେ ଗୁରୁବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଛି। ରାସ୍ତା ଉପରକୁ ହଠାତ୍ ଚାଲି ଆସିଥିବା ଏକ ଷଣ୍ଢ ସହ ଶ୍ରମିକଙ୍କୁ ନେଇ ଯାଉଥିବା ଅଟୋରିକ୍ସା ପିଟି ହୋଇଯିବାରୁ ୬ଜଣ ଗୁରୁତର ହୋଇଛନ୍ତି। ସମସ୍ତେ ଯାଜପୁର ଜିଲା ସୁକିନ୍ଦା ଥାନା ମଙ୍ଗଳପୁର ଗ୍ରାମର। ସେମାନେ ପୁରୁଷୋତ୍ତମପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ଠିକା କାମ କରିବାକୁ ଆସି ଫେରୁଥିବାବେଳେ ଏହି ଅଘଟଣ ଘଟିଥିଲା।

ଦୁର୍ଘଟଣାରେ ଅଟୋରିକ୍ସା ଚାଳକ ସୁନୀଲ ବେହେରା (୨୫)ଙ୍କ ଗୋଡ଼ରେ ଏବଂ ସଙ୍ଗୀତା ନାଏକ (୨୫)ଙ୍କ ଶରୀରରେ ଗଭୀର ଆଘାତ ଲାଗିଛି। ସ୍ୱପ୍ନା ଦେହୁରୀ (୩୦), ମମତା ନାଏକ (୨୮), ଦୀପା ପ୍ରଧାନ (୩୨), ରଶ୍ମିତା ପ୍ରଧାନ (୨୯) ଗୁରୁତର ହୋଇଛନ୍ତି। ଅଗ୍ନିଶମ ବାହିନୀ କର୍ମଚାରୀ ସ୍ଥାନୀୟ ଲୋକଙ୍କ ସହାୟତାରେ ସମସ୍ତଙ୍କୁ ଭୁବନ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଦୁର୍ଘଟଣାରେ ଅଟୋରିକ୍ସା କ୍ଷତିଗ୍ରସ୍ତ ହୋଇଛି।

# ରାମଚନ୍ଦ୍ର ସଭାପତି, ବିଦ୍ୟାଧର ସମ୍ପାଦକ

**ଭୁବନ, ୨୨।୧୨(ଡି.ଏନ.ଏ.)**



ସଭାପତି ଓ ସମ୍ପାଦକ।

## କାପୁଡ଼ିଆ ସମାଜର ନୂତନ କର୍ମକର୍ତ୍ତା

ଢେଙ୍କାନାଳ ଜିଲା ଭୁବନ କାପୁଡ଼ିଆ ସମାଜର ନୂତନ କର୍ମକର୍ତ୍ତା ଚୟନ ସ୍ଥାନୀୟ ବଳଦେବଜୀଉ ମନ୍ଦିର ପରିସରରେ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ସମାଜର ୨୦ ଥାନ ସଭାପତି, ବେହେରା, ପରିମାଣିକ, ଥାନପତି ଯୋଗଦେଇଥିଲେ। ସଭାପତି ବାସୁଦେବ ବେହେରାଙ୍କ ପରଲୋକରେ ସ୍ମୃତିଚାରଣ କରାଯିବା ସହ ପୂର୍ବ ବୈଠକର ନିଷ୍ପତ୍ତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ସର୍ବସମ୍ମତିକ୍ରମେ ସଭାପତି ଭାବେ ରାମଚନ୍ଦ୍ର ରାଉତ, ଉପସଭାପତି ପୂର୍ଣ୍ଣଚନ୍ଦ୍ର ବେହେରା, ସମ୍ପାଦକ ବିଦ୍ୟାଧର ବିହାରୀ, କୋଷାଧକ୍ଷ ସତ୍ୟାନନ୍ଦ ପୃଷ୍ଟି, ସହ ସମ୍ପାଦକ ସନ୍ତୋଷ କୁମାର ବିହାରୀ ମନୋନୀତ ହୋଇଛନ୍ତି। ସମାଜର ନୀତିନିୟମକୁ ସମ୍ମାନ ଜଣାଇ ସମସ୍ତ କାର୍ଯ୍ୟକ୍ରମ ଆଗକୁ ନେବେ ବୋଲି ନବନିର୍ବାଚିତ କର୍ମକର୍ତ୍ତାମାନେ ଶପଥପାଠ କରିଥିଲେ। ଖଗେଶ୍ୱର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ସନାତନ ଧର୍ମ ସମ୍ମିଳନୀ

**ଢେଙ୍କାନାଳ ଅଫିସ, ୨୨।୧୨**

ଢେଙ୍କାନାଳ ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପରେ ଗୁରୁବାରଠାରୁ ଆରମ୍ଭ ହୋଇଛି ୩ଦିନିଆ ଠାକୁର ଶ୍ରୀ ଅଭିରାମ ପରମହଂସ ଦେବଙ୍କ ବାର୍ଷିକ ଉତ୍ସବ ଓ ସନାତନ ଧର୍ମ ସମ୍ମିଳନୀ। ବାବାଜୀ ଶ୍ୟାମାନନ୍ଦ ଦାସ ମହାରାଜଙ୍କ ପୌରୋହିତ୍ୟରେ ପୁରୀ ବ୍ରହ୍ମଗିରି ବ୍ଲକ୍ ଅଧୀନ କରମଳା ଶାନ୍ତି ଆନନ୍ଦାଶ୍ରମର ବାବାଜୀ ଶେଷଦେବ ଦାସ, ବୁଦ୍ଧଦେବ ଦାସ, ହରିଶଙ୍କର ଦାସ, ରତ୍ନାକର ଦାସ, ଅଯୋଧ୍ୟା ଦାସ, ରାଧାରମଣ ଦାସ, ଚିନ୍ମୟାନନ୍ଦ ଦାସ ପ୍ରମୁଖ ଉପସ୍ଥିତ ରହି ଏହାର ଶୁଭାରମ୍ଭ କରିଥିଲେ। ଠାକୁରଙ୍କ ବିଗ୍ରହକୁ ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ନଗର ପରିକ୍ରମା କରାଯାଇଥିଲା। ଏଥିରେ ୨୦ ସଂକୀର୍ତ୍ତନମଣ୍ଡଳୀ, ଲଉଡ଼ିବାଡ଼ି କଳାକାର ଦଳ ସମେତ ୪୦୦ରୁ ଊର୍ଦ୍ଧ୍ୱ ଭକ୍ତମଣ୍ଡଳୀ ସାମିଲ ହୋଇଥିଲେ। ଏହି ଅବସରରେ ହରିକଥା ଶ୍ରବଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭକ୍ତଗୋଷ୍ଠୀ ସଭାପତି ସୁଧାକର ଜେନା, ସମ୍ପାଦକ ହୃଦାନନ୍ଦ ପ୍ରଧାନ ପ୍ରମୁଖ ଏହାର ପରିଚାଳନା କରୁଛନ୍ତି।



ଲଉଡ଼ିବାଡ଼ି ଦଳର କଳାକାରଙ୍କ ନୃତ୍ୟ ପରିବେଷଣ।

# ସରାଙ୍ଗ ଫୁଟ୍‌ବଲ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ପରଜଙ୍ଗ, ୨୨।୧୨(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ସରାଙ୍ଗ ଗ୍ରାମ ଶନିଷ୍ଟର ଖେଳପଡ଼ିଆରେ ଗୁରୁବାର ଫୁଟବଲ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ମ୍ୟାଚ୍‌ରେ ଏଫ୍‌ସିଆଇ ଦଳ ୧-୦ ଗୋଲ୍‌ରେ ତାଳଚେରକୁ ପରାସ୍ତ କରିଛି। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ସରାଙ୍ଗ ଆଇଜିଆଇଟି ୩-୦ ଗୋଲ୍‌ରେ ବଳରାମପ୍ରସାଦକୁ ହରାଇ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛି। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ମହେନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଗୋକୁଳ ମହାଲିକ, ଅନଙ୍ଗ ସାହୁ ଯୋଗଦେଇଥିଲେ। ଗ୍ରାମାଞ୍ଚଳର ଫୁଟ୍‌ବଲ୍ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା ଲାଗି ଏହି ଟୁର୍ନାମେଣ୍ଟ ଆୟୋଜନ କରାଯାଉଛି। ଏହା ୪ଦିନ ଧରି ଚାଲିବ।



ଅତିଥିଙ୍କ ଗହଣରେ ଖେଳାଳିମାନେ।

# ଚାନ୍ଦପୁରକୁ ହରାଇ ଦଶୀପୁର ବିଜୟୀ

**ପରଜଙ୍ଗ, ୨୨।୧୨(ଡି.ଏନ.ଏ.)**

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ଝିଲ୍ଲି ପଞ୍ଚାୟତ ଅଧୀନ ତୋରୋଡ଼ାନାଳୀ ଗ୍ରାମରେ ମା'ତାରିଣୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ୧୩ତମ ବାର୍ଷିକ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଚାନ୍ଦପୁରକୁ ହରାଇ ଦଶୀପୁର ବିଜୟୀ ହୋଇଛି। ଚାନ୍ଦପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୦୫ ରନ୍ କରିଥିଲା। ଜବାବରେ ଦଶୀପୁର ୧୮ ଓଭରରେ ୮ ଉଇକେଟ ହରାଇ ବିଜୟ ପାଇଁ ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଲିପୁନ ଦାସ, ପ୍ରକାଶ ସାହୁ ଖେଳ ପରିଚାଳନା କରିଥିବା ବେଳେ କାହ୍ନୁଚରଣ ସାହୁ, ବିପିନ ସାହୁ ଧାରାବିବରଣୀ ଦେଇଥିଲେ। ଟୁର୍ନାମେଣ୍ଟରେ ୮ ଦଳ ଅଂଶଗ୍ରହଣ କରିଛନ୍ତି। ମୁଖ୍ୟ ଅତିଥି ଭାବେ ପୂର୍ବତନ ବ୍ଲକ ଅଧକ୍ଷ କାର୍ତ୍ତିକ ସାହୁ, ସମ୍ମାନିତ ଅତିଥି ପୂର୍ବତନ ସରପଞ୍ଚ ସୁଶାନ୍ତ କୁମାର ସାହୁ, ପୂର୍ବତନ ସମିତିସଭ୍ୟ ମୀନ ରଣା, ପୃଥ୍ୱୀରାଜ ସାହୁ, ରୁଦ୍ରମୋହନ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଏହାକୁ ଉଦ୍‌ଘାଟନ କରିଥିଲେ।



ଉଦ୍‌ଘାଟନୀ ସମାରୋହରେ ଅତିଥିମାନେ।

# ଗଣିତ ଜ୍ଞାନ ଅପରିହାର୍ଯ୍ୟ

**କାମାକ୍ଷାନଗର, ୨୨।୧୨(ଡି.ଏନ.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର କାନପୁରା ପଞ୍ଚାୟତିରାଜ ହାଇସ୍କୁଲରେ ଗୁରୁବାର ଜାତୀୟ ଗଣିତ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷୟିତ୍ରୀ କବିତା ରାଉତ ସଭାପତିତ୍ୱ କରିଥିଲେ। ବରିଷ୍ଠ ପଦାର୍ଥ ବିଜ୍ଞାନ ଅଧାପକ ବିଶ୍ୱନାଥ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାନ୍ ଗଣିତଜ୍ଞ ଶ୍ରୀନିବାସ ରାମାନୁଜନ୍‌ଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ବିଜ୍ଞାନ ଶିକ୍ଷକ ନିରଞ୍ଜନ ସାହୁ, ବିଜ୍ଞାନ ଶିକ୍ଷକ ଚନ୍ଦ୍ରମଣି ଲେଙ୍କା ଗଣିତ ପ୍ରୟୋଗ, ବ୍ୟବହାର ସମ୍ପର୍କରେ ଆଲୋକପାତ କରିଥିଲେ। ଗଣିତ ଜ୍ଞାନ ସମସ୍ତଙ୍କ ଲାଗି ଅପରିହାର୍ଯ୍ୟ। ଏହି ବିଷୟକୁ ଭୟ ନ କରି ଏହା ସହିତ ଯୋଡ଼ିହୋଇ ରହିଲେ ଛାତ୍ରୀଛାତ୍ର ଉପକୃତ ହୋଇପାରିବେ ବୋଲି ମତପ୍ରକାଶ ପାଇଥିଲା। ଛାତ୍ରୀ ଅନସୂୟା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବସନ୍ତ ସାହୁ, ଚିତ୍ତରଞ୍ଜନ ବିଶ୍ୱାଳ, ଆକାଶ ରାଉତ, ଶିକ୍ଷୟିତ୍ରୀ ସୁମିତ୍ରା ଜେନା, ଜ୍ୟୋତିର୍ମୟୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ସମରେନ୍ଦ୍ର ନାୟକ, ପ୍ରହ୍ଲାଦ ସାହୁ, ନିର୍ମଳ ମହାନ୍ତି, ରୁଦ୍ରନାରାୟଣ ପରିଡ଼ା, ବାନାର୍ଜୀ ମହାନ୍ତି, ସୌଭାଗ୍ୟ ସାହୁ, ଶିକ୍ଷୟିତ୍ରୀ ପ୍ରଭାତୀ ସାହୁ, ଗୀତା ମହାପାତ୍ର, ମନସ୍ୱିନୀ ଶତପଥୀ, ରୋଜାଲିନ୍ ପତି, ଜୟସ୍ମିତା ରାଉତ ପ୍ରମୁଖ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ଅତିଥିମାନେ।

# ଉଦ୍‌ଘାଟନୀ ମ୍ୟାଚ୍‌ରେ କଟକ ବିଜୟୀ



ମ୍ୟାଚ୍ ପୂର୍ବରୁ ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ବୃନ୍ଦ।

**ଭୁବନ, ୨୨।୧୨(ଡି.ଏନ୍.ଏ.)**

## ୩୧ତମ ସର୍ବଭାରତୀୟ ଦେବେନ୍ଦ୍ର ମେମୋରିଆଲ କ୍ରିକେଟ୍

ଢେଙ୍କାନାଳ ଜିଲା ଭୁବନ ମିନି ଷ୍ଟାଡିୟମରେ ଗୁରୁବାରଠାରୁ ଆରମ୍ଭ ହୋଇଛି ୩୧ତମ ସର୍ବଭାରତୀୟ ଦେବେନ୍ଦ୍ର ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ। ଉଦ୍‌ଘାଟନୀ ମ୍ୟାଚ୍‌ରେ ଢେଙ୍କାନାଳ କସ୍‌ମସ୍ ଟିମ୍‌କୁ ହରାଇ କଟକ ବିଡ଼ାନାସୀ ଦଳ ବିଜୟୀ ହୋଇଛି। ୨୨ ଓଭର ବିଶିଷ୍ଟ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଢେଙ୍କାନାଳ ୨୦.୪ ଓଭରରେ ୧୦୩ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ସୁନୀଲ ସାହୁ ୪୧ ରନ୍ କରିଥିଲେ। ଜବାବରେ କଟକ ମାତ୍ର ୧୧ ଓଭରରେ ଗୋଟିଏ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ୩୫ ବଲ୍‌ରୁ ସର୍ବାଧିକ ୪୯ ରନ୍ କରିଥିବା ବିଜୟୀ ଦଳର ଦିବ୍ୟାଂଶୁ ରାୟଗୁରୁ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଆଶୁତୋଷ ପାଣି, ଦ୍ୱିଜେନ୍ଦ୍ର ଘୋଷ ମ୍ୟାଚ୍ ପରିଚାଳନା କରିଥିବାବେଳେ ପ୍ରଜିତ୍ କିଶୋର ସାହୁ, ଏସ୍. ପି. ରାଉତ ଧାରା ବିବରଣୀ ଦେଇଥିଲେ। ଶୁକ୍ରବାର ୨ୟ ଲିଗ ମ୍ୟାଚ ଭଦ୍ରକ ଏବଂ କଟକ ବିଡ଼ାନାସୀ ଦଳ ମଧ୍ୟରେ ଖେଳାଯିବ।

ପ୍ରାରମ୍ଭରେ କାମାକ୍ଷାନଗର ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଭୁବନକୁ କ୍ରୀଡ଼ା ହବ୍‌ରେ ପରିଣତ କରିବାକୁ ପ୍ରଶାସନ ପକ୍ଷରୁ ଆବଶ୍ୟକ ସହଯୋଗ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ମୁଖ୍ୟବକ୍ତା ଭାବେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ବ୍ୟକ୍ତିଗତ ସଚିବ ମାତୃପ୍ରସାଦ ମିଶ୍ର, ସମ୍ମାନିତ ଅତିଥି ନଗରପାଳ ଶୁଭେନ୍ଦୁ କୁମାର ସାହୁ, ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ନଳିନୀକାନ୍ତ ଦାସ, ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତି, ଉପଖଣ୍ଡ କ୍ରୀଡ଼ା ଅଧିକାରୀ ଆଦିତ୍ୟ ଆଚାର୍ଯ୍ୟ, ଭୁବନ କ୍ରିକେଟ କ୍ଲବର ବରିଷ୍ଠ କର୍ମକର୍ତ୍ତା ଦୁଷ୍ମନ୍ତ ପୃଷ୍ଟି, କୈଳାସ ବେହେରା, ଶକ୍ତିପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କ୍ଲବ୍ ସଭାପତି ବିପିନ ବିହାରୀ ସେଠୀ ସଭାପତିତ୍ୱ କରିଥିବାବେଳେ ବରିଷ୍ଠ ସଦସ୍ୟ ଗୁରୁପ୍ରସାଦ ମିଶ୍ର ମଞ୍ଚ ପରିଚାଳନା କରିଥିଲେ।

# 'ଶିକ୍ଷାଦାନରେ ଆଦର୍ଶ ସୃଷ୍ଟି କର'

**ରାସୋଲ, ୨୨।୧୨(ଡି.ଏନ୍.ଏ.)**

ରାସୋଲ ପଞ୍ଚାୟତ ପର୍ଶୁରାମପୁରସ୍ଥିତ ସରସ୍ୱତୀ ଶିଶୁମନ୍ଦିରର ୨୮ତମ ବାର୍ଷିକ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ଶିକ୍ଷାନୁଷ୍ଠାନ ପରିଚାଳନା କମିଟି ସଭାପତି ଅଧାପକ ରମେଶ ଚନ୍ଦ୍ର ସାହୁଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ମହେଶ ସାହୁ ଯୋଗଦେଇ କହିଲେ, ସମଗ୍ର ଓଡ଼ିଶାରେ ଶିଶୁମନ୍ଦିର ପ୍ରଶଂସା ସାଉଁଟୁଛି। ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ଦେଇ ଆଦର୍ଶ ସୃଷ୍ଟି କରିବାକୁ ସେ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ ଦିବାକର ନାଏକ, ମୁଖ୍ୟ ବକ୍ତା ଭାବେ ନାଲ୍‌କୋ ସରସ୍ୱତୀ ଶିଶୁ ମନ୍ଦିର ସମ୍ପାଦକ ପ୍ରଭାତ କୁମାର ଧର ମଞ୍ଚାସୀନ ଥିଲେ। କମିଟି ସମ୍ପାଦକ ସନ୍ତୋଷ କୁମାର ସାହୁ, ଯୁଗ୍ମ ସମ୍ପାଦକ ଦେବାଶିଷ ସାହୁ, ପ୍ରଧାନ ଆଚାର୍ଯ୍ୟ ଧର୍ମାନନ୍ଦ ସାହୁ, ଗୁରୁମା ସନ୍ତୋଷିନୀ କର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




କାର୍ଯ୍ୟକ୍ରମରେ ଅତିଥିମାନେ।

## ସଂକ୍ଷେପରେ

### ମହିଳାଙ୍କୁ ମାଡ଼ ଅଭିଯୋଗ

**ବଇଣ୍ଡା,୨୨।୧୨(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା କୋରାବ ଗ୍ରାମର କୁମୁଦିନୀ ନାୟକଙ୍କୁ ସେହି ଗ୍ରାମର ପ୍ରଭାକର ନାୟକ ଓ ତାଙ୍କ ସ୍ତ୍ରୀ ନିଦ୍ରା ନାୟକ ମାଡ଼ ମାରିଥିବା ଗୁରୁବାର ଠାକୁରଗଡ଼ ଥାନାରେ ଅଭିଯୋଗ ହୋଇଛି। ପୋଲିସ ନମ୍ବର ୩୩୭/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ପ୍ରଭାକରଙ୍କ ବାଡ଼ିରେ କୁମୁଦିନୀଙ୍କ ଛେଳି ପଶି ଫସଲ ନଷ୍ଟ କରିଦେଇଥିଲା। ଏହାକୁ ନେଇ ଉଭୟ ସ୍ୱାମୀ ଓ ସ୍ତ୍ରୀ ତାଙ୍କୁ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### ଜନ୍ତୁ ଶିକାରୀଙ୍କ ବିରୋଧରେ ମାମଲା

**ଅନୁଗୋଳ ଅଫିସ,୨୨।୧୨:** ଅନୁଗୋଳ ଜିଲା କିଆକଟା ଥାନା ବାସୁଦେବପୁର ଗୌତମପୁର ଗିରି ସାହିର ରବୀନ୍ଦ୍ର ମୁଦୁଲି(୪୭) ଓ ବଳରାମ ବାଘ(୪୦)ଙ୍କ ନାମରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି। ଟିପିସିଓଡିଏଲର୍ ଜୁନିୟର ମ୍ୟାନେଜର ନରେନ୍ଦ୍ର କୁମାର ବାରିକଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୧୩୦/୨୨ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ, ଗତ ୧୪ ତାରିଖରେ ଆଠମଲ୍ଲିକ ବନଖଣ୍ଡ ମାଧପୁର ରେଞ୍ଜ ନିକଟରେ ବିଦ୍ୟୁତ୍ ତାର ବିଛାଇ ରବୀନ୍ଦ୍ର ଓ ବଳରାମ ଜନ୍ତୁ ଶିକାର କରିଥିବା ଅଭିଯୋଗ ହୋଇଥିଲା।

# ଅଧରାତିରେ ଅଟକୁଛି ଆମ୍ବୁଲାନ୍ସ

- ଜିଲା ମୁଖ୍ୟ ଚିକିତ୍ସାଳୟ ପଛ ଗେଟ୍‌ରେ ପଡ଼ୁଛି ତାଲା
- ଦୂରରୁ ରୋଗୀ ନେଇ ଆସୁଥିବା ଚାଳକ ହେଉଛନ୍ତି ବାଟବଣା
- ଗୁରୁତରଙ୍କ ଚିକିତ୍ସାରେ ବିଳମ୍ବ ହେଉଥିବାରୁ ବଢ଼ୁଛି ଅସନ୍ତୋଷ

ଅମିତ କୁମାର ସାମଲ
ଅନୁଗୋଳ ଅଫିସ, ୨୨।୧୨


ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପଛ ପାର୍ଶ୍ୱ ଫାଟକରେ ରାତିରେ ତାଲା ପକାଇ ଦିଆଯାଇଥିବାରୁ ୨ଟି ଆମ୍ବୁଲାନ୍ସ ଅଟକି ରହିଛି।

କେତେବେଳେ ଢେଙ୍କାନାଳରୁ ତ ପୁଣି କେବେ ଦେବଗଡ଼ ଜିଲାରୁ ଗୁରୁତର ରୋଗୀ ଆସୁଛନ୍ତି ଅନୁଗୋଳକୁ। ହେଲେ ଆମ୍ବୁଲାନ୍ସରେ ରାତି ଅଧରେ ଆସୁଥିବା ଏହି ରୋଗୀ ଜିଲା ମୁଖ୍ୟ ଚିକିତ୍ସାଳୟ ପଛ ପାର୍ଶ୍ୱ ଫାଟକ ଠାରେ ପହଞ୍ଚିଲେ ସେମାନଙ୍କୁ ମିଳୁନି ବାଟ। କାରଣ ରାତି ୧୧ଟା ପରେ ଉକ୍ତ ଫାଟକରେ ତାଲା ପକାଇ ପଳାଇ ଯାଉଛନ୍ତି ସୁରକ୍ଷା କର୍ମୀ। ଫଳରେ ଦୂରରୁ ଆସିଥିବା ନୂଆ ଆମ୍ବୁଲାନ୍ସ ଚାଳକମାନେ ମୁଖ୍ୟ ଫାଟକ କେଉଁଠି ଜାଣି ନ ପାରି ବାଟବଣା ହେଉଥିବା ବେଳେ ଗାଡ଼ି ଭିତରେ ଯନ୍ତ୍ରଣା ଭୋଗୁଛନ୍ତି ରୋଗୀ। କିଛିଦିନ ହେଲା ଏପରି ଅଭିଯୋଗ ବଢ଼ୁଥିବାରୁ ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ଦେଖାଦେଇଛି ତୀବ୍ର ଅସନ୍ତୋଷ।

ରୋଗୀଙ୍କୁ ଉତ୍ତମମାନର ସେବା ଯୋଗାଯିବା ପାଇଁ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟର ଭିତ୍ତିଭୂମିରେ ଉନ୍ନତି କରାଯାଉଛି। ହେଲେ ପରିଚାଳନାରେ ଅବ୍ୟବସ୍ଥା ଯୋଗୁ ଅନେକ ସମୟରେ ଏହି ମେଡିକାଲକୁ ବଦନାମର ଶିକାର ହେବାକୁ ପଡ଼ୁଛି। ସୁରକ୍ଷା ଦାୟିତ୍ୱ ନେଇଥିବା ଠିକାସଂସ୍ଥାର କେତେଜଣ କର୍ମଚାରୀ କର୍ତ୍ତୃପକ୍ଷଙ୍କୁ ଖାତିର କରୁ ନ ଥିବାରୁ କେତେବେଳେ ଏଠାରେ ରୋଗୀଙ୍କୁ ମାଡ଼ ଖାଇବାକୁ ପଡ଼ୁଛି ତ ଆଉ କେବେ ବେଡ୍‌ରୁ ଉଠି ରୋଗୀ ଗାଏବ ହୋଇଯାଉଥିବା ଭଳି ଘଟଣା ଘଟୁଛି। ତେବେ କିଛିଦିନ ହେଲା ମେଡିକାଲର ପଛ ଗେଟ୍‌ରେ ରାତିରେ ତାଲା ପକାଇ ସୁରକ୍ଷା କର୍ମୀ ପଳାଇଯାଉଥିବାରୁ ଆମ୍ବୁଲାନ୍ସ ଚାଳକ ଓ ରୋଗୀଙ୍କୁ ହଇରାଣ ହେବାକୁ ପଡ଼ୁଛି। ବିଶେଷକରି ଗୁରୁତର ପ୍ରସୂତି ଓ ନବଜାତକଙ୍କୁ ଧରି ଆସୁଥିବା ଆମ୍ବୁଲାନ୍ସ ଏମ୍‌ସିଏଚ୍ ବିଲ୍ଡିଂ ପାର୍ଶ୍ୱରେ ଥିବା ଏହି ଫାଟକ ଦେଇ ଭିତରକୁ ପଶିଥାନ୍ତି। କିନ୍ତୁ ରାତି ୧୧ଟା ପରେ ଗେଟ୍‌ରେ ତାଲା ପକାଇ ଦିଆଯାଉଥିବା ବେଳେ କୌଣସି ସୁରକ୍ଷା କର୍ମୀ ସେଠାରେ ଉପସ୍ଥିତ ରହୁନାହାନ୍ତି। ଫଳରେ ଆମ୍ବୁଲାନ୍ସ ଆସିବା ମାତ୍ରେ ଗେଟ୍ ଖୋଲାଯାଇପାରୁ ନାହିଁ କି ସେମାନଙ୍କୁ ବାଟ ବତାଇ ଦିଆଯାଉ ନାହିଁ। ଏଥିଯୋଗୁ ଅନେକ ଆମ୍ବୁଲାନ୍ସ ଚାଳକ ବାଟବଣା ହୋଇଯାଉଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ କୁକୁଡ଼ାଙ୍ଗରୁ ଗର୍ଭବତୀଙ୍କୁ ଧରି ଆସିଥିବା ୧୦୮ ଆମ୍ବୁଲାନ୍ସ ଫାଟକ ନିକଟରେ ଅଟକି ରହିବା ସହ ପରେ ମାଛ ମାର୍କେଟ ପାଖରେ ଗାଡ଼ି ବୁଲାଇ ଏମ୍‌ସିଏଚ୍ ବିଲ୍ଡିଂକୁ ରୋଗୀଙ୍କୁ ଆଣିଥିଲେ। ସେହିପରି ତାଳଚେର ମଣ୍ଡାପାଳ ଅଞ୍ଚଳରେ ଜଣେ ଗୁରୁତର ଶିଶୁଙ୍କୁ ନେଇ ଆସିଥିବା ଆମ୍ବୁଲାନ୍ସକୁ ଏପରି ହଇରାଣ ହେବାକୁ ପଡ଼ିଥିଲା। ଜରପଡ଼ା ଥାନା ତୁକୁଡ଼ାର ଜଣେ ପ୍ରସୂତିଙ୍କୁ ନେଇ ଆସିଥିବା ଆମ୍ବୁଲାନ୍ସ ମଧ୍ୟ ବାଟ ନ ପାଇ ବୁଲିକରି ମେଡିକାଲ ଭିତରକୁ ଯାଇଥିଲା। ଜୀବନ ଓ ମୃତ୍ୟୁ ସହ ସଂଗ୍ରାମ କରୁଥିବା ରୋଗୀମାନଙ୍କୁ ତୁରନ୍ତ ଚିକିତ୍ସା ସୁବିଧା ଦେବା ପରିବର୍ତ୍ତେ ରାତି ଅଧରେ ମେଡିକାଲ ପଛ ଗେଟ୍‌ରେ ଅଟକାଯିବା ଅତ୍ୟନ୍ତ ଆଶ୍ଚର୍ଯ୍ୟର ବିଷୟ ବୋଲି ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି।

### ଅତ୍ୟନ୍ତ ଚିନ୍ତାଜନକ କାର୍ଯ୍ୟ



ମେଡିକାଲ ପଛ ଫାଟକରେ ରାତିରେ ତାଲା ପକାଯିବା ଅତ୍ୟନ୍ତ ଚିନ୍ତାଜନକ ବିଷୟ। ଆମ୍ବୁଲାନ୍ସରେ ଆସୁଥିବା ଗୁରୁତର ରୋଗୀ ପାଇଁ ପ୍ରତିଟି ମୁହୂର୍ତ୍ତ ଅତ୍ୟନ୍ତ ମୂଲ୍ୟବାନ ହୋଇଥିବା ବେଳେ ମେଡିକାଲ କର୍ତ୍ତୃପକ୍ଷଙ୍କ ଏପରି କାର୍ଯ୍ୟ ଚକିତ କରୁଛି। ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଆଗାମୀ ଦିନରେ ସହରବାସୀ ଜବାବ ଦେବେ।

-ପ୍ରତାପ ମାଝି, ସଚେତନ ନାଗରିକ, ଅନୁଗୋଳ

### କର୍ତ୍ତୃପକ୍ଷଙ୍କ ଅପାରଗତାର ପ୍ରମାଣ



ବିଳମ୍ବିତ ରାତିରେ ମୁଖ୍ୟ ଚିକିତ୍ସାଳୟକୁ ପଛପଟ ଫାଟକ ଦେଇ ଆମ୍ବୁଲାନ୍ସ ପଶିପାରୁ ନାହିଁ ଫଳରେ ଦୂରରୁ ରୋଗୀ ନେଇ ଆସିଥିବା ଆମ୍ବୁଲାନ୍ସ ଚାଳକମାନେ ବାଟବଣା ହେଉଛନ୍ତି। ଏହା ମେଡିକାଲ କର୍ତ୍ତୃପକ୍ଷଙ୍କ ଅପାରଗତାର ପ୍ରମାଣ ଦେଉଛି। ଦାୟୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଗଲେ ତଳିଆ କର୍ମଚାରୀ ଚେତିବେ।

-ଚୌଧୁରୀ ପ୍ରଧାନ, ଆଇନଜୀବୀ, ଛେଣ୍ଡିପଦା

### ୨୪ ଘଣ୍ଟା ସୁରକ୍ଷା କର୍ମୀ ରୁହନ୍ତୁ



ରାତି ହେଉ କି ଦିନ, ମେଡିକାଲ ଗେଟ୍ ଖୋଲା ରହିବା କଥା। ସୁରକ୍ଷା କର୍ମୀ ୨୪ ଘଣ୍ଟା ଉପସ୍ଥିତ ରହି ରୋଗୀ ଓ ଦୂରରୁ ଆସୁଥିବା ଆମ୍ବୁଲାନ୍ସକୁ ବାଟ ବତାଇଦେବା କଥା। ହେଲେ ରାତିରେ ପଛଗେଟ୍ ଦେଇ ଆସି ନ ପାରି ଆମ୍ବୁଲାନ୍ସ ବାଟବଣା ହେଉଥିବାରୁ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯିବାର ସମ୍ଭାବନା ରହିଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଉ।

-ଯୁଗଳ କିଶୋର ଜିତ୍, ସଚେତନ ନାଗରିକ, ଖମାର

### ସୁରକ୍ଷା ସଂସ୍ଥାକୁ ରିପୋର୍ଟ ତଲବ କରାଯାଇଛି



ମେଡିକାଲ ପଛଗେଟ୍‌ରେ ରାତିରେ ତାଲା ପକାଇବାକୁ ନିଷ୍ପତ୍ତି ହୋଇଛି। କିନ୍ତୁ ସେଠାରେ ସୁରକ୍ଷାକର୍ମୀ ନିୟୋଜିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ହେଲେ ସୁରକ୍ଷାକର୍ମୀ ସେଠାରେ ରହୁ ନ ଥିବା ୩ ଦିନ ତଳେ ନଜରକୁ ଆସିଛି। ଏ ନେଇ ଉକ୍ତ ସୁରକ୍ଷା ସଂସ୍ଥାକୁ ରିପୋର୍ଟ ତଲବ କରାଯାଇଛି। ଆମ୍ବୁଲାନ୍ସ ବାଟବଣା ହେଉଥିଲେ ଏଥିପ୍ରତି ଦୃଷ୍ଟି ଦିଆଯିବ।

-ଡାକ୍ତର ମାନସ ରଞ୍ଜନ ବିଶ୍ୱାଳ, ଏଡିଏମ୍‌ଓ, ମେଡିକାଲ

# ଥାନାରେ ଚୁକ୍ତି କଲେ, ପ୍ରେମିକାଙ୍କୁ ଘରକୁ ନେଲେ

ଛେଣ୍ଡିପଦା,୨୨।୧୨(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ବାଗଡିଆ ଫାଣ୍ଡି ଅଞ୍ଚଳରେ ରହୁଥିବା ପ୍ରେମିକାଙ୍କୁ ଦେଖା କରିବାକୁ ଯାଇ ତାଙ୍କ ପ୍ରେମିକ ଗୁରୁବାର ହଟହଟାର ସମ୍ମୁଖୀନ ହୋଇଛନ୍ତି। ଶେଷରେ ଥାନାରେ ଚୁକ୍ତିପତ୍ର ଲେଖି ପ୍ରେମିକାଙ୍କୁ ସ୍ତ୍ରୀ ଭାବେ ଗ୍ରହଣ କରି ଘରକୁ ନେଇଛନ୍ତି।

ସୂଚନା ଅନୁଯାୟୀ, ଘରେ କେହି ନ ଥିବାର ସୁଯୋଗ ନେଇ ଯୁବତୀ ଜଣକ ତାଙ୍କ ପ୍ରେମିକଙ୍କୁ ଡକାଇଥିଲେ। ପ୍ରେମିକ ମଧ୍ୟ ପହଞ୍ଚି ଘର ଭିତରକୁ ଯାଇଥିଲେ। ହେଲେ ଦୀର୍ଘ ସମୟ ପର୍ଯ୍ୟନ୍ତ ସେ ବାହାରକୁ ନ ଆସିବାରୁ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ବାହାର ପଟୁ କବାଟ ବନ୍ଦ କରିଦେଇଥିଲେ। ଖବରପାଇ ଗ୍ରାମବାସୀ ପହଞ୍ଚି ଉଭୟ ପ୍ରେମିକା ଓ ପ୍ରେମିକଙ୍କୁ ପଚରାଉଚରା କରିଥିଲେ। ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେବାରୁ ଖବରପାଇ ଫାଣ୍ଡି ପୋଲିସ ପହଞ୍ଚି ପ୍ରେମୀ ଯୁଗଳଙ୍କୁ ଥାନାକୁ ନେଇଥିଲା। ଉଭୟ ପ୍ରାପ୍ତ ବୟସ୍କ ହୋଇଥିବାରୁ ବିବାହ କରିବା ପାଇଁ ରାଜି ହୋଇଥିଲେ। ୧୫ ଦିନ ମଧ୍ୟରେ କୋର୍ଟରେ ବିବାହ କରିବା ପାଇଁ ଏକ ଚୁକ୍ତି ପତ୍ରରେ ସ୍ୱାକ୍ଷର କରିବା ପରେ ପ୍ରେମିକ ଜଣକ ପ୍ରେମିକାଙ୍କୁ ସ୍ତ୍ରୀ ଭାବେ ଗ୍ରହଣ କରି ଘରକୁ ନେଇଥିଲେ। ଏହି ଘଟଣା ଛେଣ୍ଡିପଦା ଅଞ୍ଚଳରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି।

# ମେଡିକାଲ କଲେଜ କାର୍ଯ୍ୟ ସମୀକ୍ଷା


ତାଳଚେର ମେଡିକାଲ କଲେଜ ପରିଦର୍ଶନ କରୁଛନ୍ତି ଉପଜିଲାପାଳ।

ତାଳଚେର, ୨୨।୧୨ (ନି.ପ୍ର.)

ତାଳଚେର ଉପଜିଲାପାଳ ବିଶ୍ୱରଞ୍ଜନ ରଥ ଗୁରୁବାର ତାଳଚେର ମେଡିକାଲ କଲେଜ ଓ ହସ୍ପିଟାଲ ପରିଦର୍ଶନ କରିଛନ୍ତି। ଆସନ୍ତା ଜାନୁୟାରୀ ୩୧ରେ ମହାନଦୀ କୋଇଲା ଖଣି କର୍ତ୍ତୃପକ୍ଷ ରାଜ୍ୟ ସରକାରଙ୍କୁ ଏହି ମେଡିକାଲ କଲେଜ ହସ୍ତାନ୍ତରିତ କରିବାକୁ ଥିବାରୁ ଏହାର ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଉପଜିଲାପାଳ କୋଇଲା ଖଣି କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ବିଭିନ୍ନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି ଅବସରରେ ଉପଜିଲାପାଳ ରଥ ନେହେରୁ ଶତାବ୍ଦୀ ସେଣ୍ଟ୍ରାଲ ହସ୍ପିଟାଲର ସିଏମ୍‌ଓ ଡା. ସି. ହଳଧର, ଏନ୍.ସି.ବି. କମ୍ପାନୀର ନିର୍ଦ୍ଦେଶକ ଜ୍ଞାନରଞ୍ଜନ ସାମଲ ଓ ଅନ୍ୟ କୋଇଲା ଖଣି କର୍ତ୍ତୃପକ୍ଷଙ୍କ ସହ ମେଡିକାଲ କଲେଜର ବିଭିନ୍ନ ଅଞ୍ଚଳ ବୁଲି ଦେଖିଥିଲେ। ଏହି ଗସ୍ତ ସମୟରେ ତାଳଚେର ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ପଦ୍ମ ଚରଣ ସାମଲ, ବିଭୂତି ଭୂଷଣ ପଟ୍ଟନାୟକ, ଚୈତନ୍ୟ ପ୍ରଧାନ, କେଶବ ଭୂତିଆ, ଚିନ୍ତାମଣି ମହାପାତ୍ର, ବାଉରୀବନ୍ଧୁ ବେଜ, ଅଭୟ ପାଣି, ସୁକାନ୍ତ ଦାସ, ଗଗନ ବିହାରୀ ଦାସ, ବିନୋଦ ଲାଲ, ପ୍ରଫୁଲ ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

# ଦୁର୍ନୀତି ଅଭିଯୋଗର ତଦନ୍ତ କଲେ ଲୋକପାଳ

ମାଧପୁର,୨୨।୧୨

ଆଠମଲ୍ଲିକ ବ୍ଲକ ବାସୁଦେବପୁର ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ କାମ କରା ନ ଯାଇ ବିଲ୍ ହୋଇଥିବା ନେଇ ଭୋଇପଡ଼ା, ବେହେରାପଡ଼ା ଓ ଗୁଦଗୁଦି ଗ୍ରାମବାସୀ ଗତ ସୋମବାର ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିରରେ ଲିଖିତ ଭାବେ ଅଭିଯୋଗ କରିଥିଲେ। ବୁଧବାର ଏହା ଉପରେ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଲୋକପାଳ ବିଭୂତି ଭୂଷଣ ପଟ୍ଟନାୟକ, ଆଠମଲ୍ଲିକ ବ୍ଲକ ସହକାରୀ କାର୍ଯ୍ୟକ୍ରମ ଅଧିକାରୀ (ଏପିଓ) ଅଙ୍କିତା ସାହୁ ଘଟଣାସ୍ଥଳରେ ପହଞ୍ଚି ଅଭିଯୋଗର ତଦନ୍ତ କରିଛନ୍ତି। ଗ୍ରାମବାସୀ ଅଭିଯୋଗ କରିଥିଲେ ଯେ, ଭୋଇପଡା ଗାଁ ଠାରୁ ବଦଳା ସାହି ଯାଏ, ବେହେରାପଡ଼ା ଓ ଗୁଦଗୁଦି ଗ୍ରାମ ରାସ୍ତା ପାଇଁ ୫ ଲକ୍ଷ ଟଙ୍କା ଲେଖାଏ ମଞ୍ଜୁର ହୋଇଥିଲା। ହେଲେ ପଞ୍ଚାୟତ ନିର୍ବାଚନ ପୂର୍ବରୁ ସମସ୍ତ କାମ ବନ୍ଦ ଥିଲାବେଳେ ପରେ କୌଣସି କାମ କରା ନ ଯାଇ ଚଞ୍ଚକତା ପୂର୍ବକ ଟଙ୍କା ଉଠାଣ କରାଯାଇଛି। ତେବେ ଅଭିଯୋଗର ତଦନ୍ତ କରାଯାଇଥିବାରୁ ପ୍ରଶାସନ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ତାହାକୁ ଗ୍ରାମବାସୀ ଅପେକ୍ଷା କରିଛନ୍ତି।


ଅଭିଯୋଗର ତଦନ୍ତ କରାଯାଉଛି।

# ରାଜ୍ୟସ୍ତରୀୟ କବାଡ଼ି ଚାମ୍ପିୟନଶିପ ଉଦ୍‌ଘାଟିତ

ଅନୁଗୋଳ ଅଫିସ, ୨୨।୧୨



ଅନୁଗୋଳ ବିଜୁ ମଇଦାନରେ ଗୁରୁବାର ରାଜ୍ୟସ୍ତରୀୟ ୭୦ତମ ସିନିୟର କବାଡି ଚାମ୍ପିୟନଶିପ ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ କବାଡି ଆସୋସିଏଶନ ଓ ଅନୁଗୋଳ ଜିଲା ପ୍ରଶାସନର ମିଳିତ ସହଯୋଗରେ ଏହାର ଆୟୋଜନ କରାଯାଇଛି। ରାଜ୍ୟର ବିଭିନ୍ନ ଜିଲାରୁ ୩୨ଟି ପୁରୁଷ ଓ ୨୪ଟି ମହିଳା ଦଳର ପ୍ରାୟ ୯୧୦ ଜଣ ଖେଳାଳି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ମ୍ୟାଚ୍ ପୂର୍ବରୁ ଶୈଳଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରଠାରୁ ସାଂସ୍କୃତିକ ଦଳମାନଙ୍କୁ ନେଇ ଶୋଭାଯାତ୍ରା ବାହାରିଥିଲା। ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ଓ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପୁରୁଷ ବିଭାଗରେ ଅନୁଗୋଳ ଓ କୋରାପୁଟ ମଧ୍ୟରେ ଖେଳାଯାଇଥିବା ମ୍ୟାଚ ଟାଇ ରହିଥିଲା। ଖୋର୍ଦ୍ଧା ଓ ଭଦ୍ରକ ମଧ୍ୟରେ ମ୍ୟାଚରେ ଖୋର୍ଦ୍ଧା ବିଜୟ ଲାଭ କରିଥିଲା। ବାଲେଶ୍ୱର ଓ ଦେବଗଡ଼ ମଧ୍ୟରେ ହୋଇଥିବା ମ୍ୟାଚରେ ବାଲେଶ୍ୱର ବିଜୟୀ ହୋଇଥିଲା। ନୟାଗଡ଼ ଓ ବଲାଙ୍ଗୀର ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ନୟାଗଡ଼ ବିଜୟୀ ହୋଇଥିଲା। କେନ୍ଦ୍ରାପଡ଼ା ଓ କଳାହାଣ୍ଡି ମଧ୍ୟରେ ମ୍ୟାଚରେ କେନ୍ଦ୍ରାପଡ଼ା ବିଜୟୀ ହୋଇଥିଲା। ଢେଙ୍କାନାଳ ଓ ଜଗତସିଂହପୁର ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ଢେଙ୍କାନାଳ ବିଜୟୀ ହୋଇଥିଲା। ସୋନପୁର ଓ ମୟୂରଭଞ୍ଜ ମଧ୍ୟରେ ମ୍ୟାଚରେ ସୋନପୁର ବିଜୟୀ ହୋଇଥିଲା। ଗଜପତି ଓ କନ୍ଧମାଳ ମଧ୍ୟରେ ମ୍ୟାଚରେ ଗଜପତି ବିଜୟୀ ହୋଇଥିଲା। ମହିଳା ବିଭାଗରେ କୋରାପୁଟ ଓ ଅନୁଗୋଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ କୋରାପୁଟ ବିଜୟୀ ହୋଇଥିଲା। ଖୋର୍ଦ୍ଧା ଓ ବରଗଡ଼ ମଧ୍ୟରେ ମ୍ୟାଚରେ ଖୋର୍ଦ୍ଧା ବିଜୟୀ ହୋଇଥିଲା। ବାଲେଶ୍ୱର ଓ ଇଷ୍ଟକୋଷ୍ଟ ରେଲୱେ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ରେଲୱେ ବିଜୟୀ ହୋଇଥିଲା। ସମ୍ବଲପୁର ଓ ନୂଆପଡ଼ା ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ସମ୍ବଲପୁର ବିଜୟୀ ହୋଇଥିଲା।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ବଇଣ୍ଡା,୨୨।୧୨(ଡି.ଏନ.ଏ.)

ଆଠମଲ୍ଲିକ ଓ କିଶୋରନଗର ବ୍ଲକ ଅଙ୍ଗନୱାଡି କର୍ମୀମାନେ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏଙ୍କୁ ପ୍ରଦାନ କରିଛନ୍ତି। ଦାବିପତ୍ରରେ ଦର୍ଶାଯାଇଛି, ପ୍ରତ୍ୟେକ କ୍ଷେତ୍ରରେ ରାଜ୍ୟ ସରକାର ଅଙ୍ଗନୱାଡି କର୍ମୀମାନଙ୍କୁ ନିୟୋଜିତ କରାଇ କାମ ହାସଲ କରୁଛନ୍ତି। ହେଲେ ସେମାନଙ୍କ ସମସ୍ୟା ଗୁଡିକର ସମାଧାନ କରୁନାହାନ୍ତି। ବାରମ୍ବାର ଦାବି ସତ୍ତ୍ୱେ କୌଣସି ସୁଫଳ ମିଳୁନାହିଁ। ପ୍ରତ୍ୟେକ ଅଙ୍ଗନୱାଡି କର୍ମୀଙ୍କୁ ସରକାରୀ ଚାକିରି ମାନ୍ୟତା, ପ୍ରତ୍ୟେକ ମାସରେ ୧୮ ହଜାର ଟଙ୍କା ଦରମା, ୨୦୧୮ରେ ଆନ୍ଦୋଳନ ସମୟରେ ବହିଷ୍କାର କରାଯାଇଥିବା କର୍ମୀଙ୍କୁ ପୁନଃନିଯୁକ୍ତି, ସହାୟିକାମାନଙ୍କୁ ମାସକୁ ୯ ହଜାର ଟଙ୍କା ପ୍ରଦାନ, କାର୍ଯ୍ୟରତ ସମୟରେ ମୃତ୍ୟୁ ହେଲେ ୫ ଲକ୍ଷ କ୍ଷତିପୂରଣ ସହ ୮ ଦଫା ଦାବିକୁ ଶୀଘ୍ର ପୂରଣ ନିମନ୍ତେ ଦାବି କରିଛନ୍ତି।


ଅଙ୍ଗନୱାଡି କର୍ମୀମାନେ ବିଧାୟକଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

# 'ମହିଳାଙ୍କ ଉପରେ ବଢ଼ୁଛି ଅତ୍ୟାଚାର'

ଅନୁଗୋଳ ଅଫିସ/ ଛେଣ୍ଡିପଦା, ୨୨।୧୨

ରାଜ୍ୟରେ କ୍ରମାଗତ ଭାବେ ମହିଳାଙ୍କ ଉପରେ ଅତ୍ୟାଚାର ବଢ଼ି ଚାଲିଛି। ୨୨ ବର୍ଷ ଧରି ଚାଲିଥିବା ରାଜ୍ୟ ସରକାରରେ ମହିଳାମାନେ ଅସୁରକ୍ଷିତ ବୋଲି କହିଛନ୍ତି ଭାଜପା ମହିଳା ମୋର୍ଚ୍ଚାର ରାଷ୍ଟ୍ରୀୟ ସାଧାରଣ ସମ୍ପାଦିକା ଦୀପ୍ତି ରାୱତ୍। ୨ ଦିନିଆ ଅନୁଗୋଳ ଗସ୍ତରେ ଆସି ଭାଜପା ମହିଳା ମୋର୍ଚ୍ଚାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ସେ ଏହା କହିଛନ୍ତି। ଦୀପ୍ତି ଓ ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକ ଅନୁଗୋଳରେ ପହଞ୍ଚିବା ପରେ ତାଙ୍କୁ ଦଳ ପକ୍ଷରୁ ସ୍ୱାଗତ କରାଯାଇଥିଲା। ପରେ ଜିଲା କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ଅଙ୍ଗନୱାଡ଼ି କର୍ମୀଙ୍କ ନିକଟକୁ ଯାଇ ଦାବି ପ୍ରତି ସରକାର ଦୃଷ୍ଟି ଦେବା ଉଚିତ୍ ବୋଲି ଦୀପ୍ତି ପ୍ରକାଶ କରିଥିଲେ। ଏହାପରେ କୋଶଳା ମା' ରାମଚଣ୍ଡୀଙ୍କ ଦର୍ଶନ କରିଥିଲେ। ଅନୁଗୋଳରେ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ପରେ ଛେଣ୍ଡିପଦା ନିର୍ବାଚନମଣ୍ଡଳୀର ଶହୀଦ ଅରୁଣ ଗଡ଼ନାୟକଙ୍କ ପରିବାରଙ୍କୁ ଭେଟିବା ପରେ ଅନୁଗୋଳର ୱାର୍ଡ ନଂ ୧୨ରେ ଥିବା ଦଳିତ ପରିବାର ଶାନ୍ତି ନାଏକଙ୍କ ଘରେ ମଧ୍ୟାହ୍ନ ଭୋଜନ କରିଥିଲେ। ଶୁକ୍ରବାର ସେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ସମସ୍ତ କାର୍ଯ୍ୟକ୍ରମରେ ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀଙ୍କ ସହ ଦିଲୀପ ପ୍ରଧାନ, କାଉନସିଲର ସରିତା ମିଶ୍ର, ଝୁନୁବାଳା ପ୍ରଧାନ, ଉର୍ମିଳା ନାଏକ, ସଂଯୁକ୍ତା ମହାରଣା, ପୌର ଉପାଧ୍ୟକ୍ଷା ଅନୁପମା ସାହୁ, ମୃଣାଳିନୀ ପଟ୍ଟନାୟକ, ମାଧବୀ ମହାପାତ୍ର ପ୍ରମୁଖ ସାମିଲ ହେବେ ବୋଲି ଭାଜପା ପକ୍ଷରୁ ସୂଚନା ଦିଆଯାଇଛି।


ଶହୀଦ ଅରୁଣ ଗଡ଼ନାୟକଙ୍କ ପରିବାର ସଦସ୍ୟଙ୍କ ସହ ଭାଜପା ନେତୃବୃନ୍ଦ।

# ସେମିରେ ୟୁନିୟନ ସ୍ପୋର୍ଟିଂ, ଅନୁଗୋଳ

ଅନୁଗୋଳ ଅଫିସ,୨୨।୧୨

ଅନୁଗୋଳ କଦମ ପଡ଼ିଆଠାରେ ଅନୁଗୋଳ କପ୍ କ୍ରିକେଟ ଟୁର୍ନାମେଣ୍ଟର ୨ଟି କ୍ୱାର୍ଟର ଫାଇନାଲ ମ୍ୟାଚ୍ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ୍‌ରେ କଟକର ୟୁନିୟନ୍ ସ୍ପୋର୍ଟିଂ କ୍ଲବ ୮୨ ରନ୍‌ରେ ଜାମସେଦ୍‌ପୁର ଟାଟାକୁ ହରାଇଥିବାବେଳେ ଅନୁଗୋଳ କ୍ରିକେଟ୍ କ୍ଲବ ୧୦ ଉଇକେଟ୍‌ରେ କୋଲକାତା ରେଲୱେକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ୟୁନିୟନ୍ ସ୍ପୋର୍ଟିଂର ଅଲରାଉଣ୍ଡର ନଉତମ ଭଞ୍ଜଙ୍କୁ ମ୍ୟାନ ଅଫ୍ ଦ ମ୍ୟାଚ ଘୋଷଣା କରାଯାଇଥିଲା। ସେହିଭଳି କୋଲକାତା ବ୍ୟାଟିଂ ଇଂନିସ୍‌ରେ ବିପର୍ଯ୍ୟୟ ସୃଷ୍ଟି କରିଥିବା ଅନୁଗୋଳ କ୍ରିକେଟ୍ କ୍ଲବର ବୋଲର ସୁମିତ୍ ମହାରଣାଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ କଟକର ୟୁନିଅନ୍ ସ୍ପୋର୍ଟିଂ ଓ ଜାମସେଦପୁର ଟାଟା ମଧ୍ୟରେ ଖେଳାଯାଇଥିଲା। ୟୁନିଅନ୍ ସ୍ପୋର୍ଟିଂ ଦଳ ପ୍ରଥମେ ବ୍ୟାଟିଂ କରି ୨୧୩ ରନ୍ କରିଥିଲା। ଜବାବରେ ଜାମସେଦପୁର ଟାଟା ୧୩୧ ରନ୍ କରି ପରାସ୍ତ ହୋଇଥିଲା। ସେହିଭଳି ଅନ୍ୟ ମ୍ୟାଚ୍ ଅନୁଗୋଳ କ୍ରିକେଟ୍ କ୍ଲବ୍ ଓ କୋଲକାତା ରେଲ୍‌ୱେ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କୋଲକାତା ରେଲ୍‌ୱେ ପ୍ରଥମେ ବ୍ୟାଟିଂ କରି ୩୬ କରିଥିଲା। ଜବାବରେ ଅନୁଗୋଳ କ୍ରିକେଟ୍ କ୍ଲବ୍ ଆବଶ୍ୟକ ରନ କରି ବିଜୟୀ ହୋଇଥିଲା। ଅନୁଗୋଳ ଦଳର ସୁମିତ୍ ମହାରଣା ୪ ଓଭର ବୋଲିଂ କରି ୯ ରନ୍ ବିନିମୟରେ ୪ଟି ଉଇକେଟ୍ ହାସଲ କରିଥିଲେ। ମହେଶ ମୁନସି, ଅସିତ ପଟ୍ଟନାୟକ ମ୍ୟାଚ ପରିଚାଳନା କରିଥିଲେ। ଜିଲା କ୍ରିକେଟ୍ ସଂଘ ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ସହ ଅନ୍ୟ କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ଥିଲେ।



